# NATIONAL NEWS BULLETIN (ODIA)
## 25 June - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଚଳିତ ଲୋକସଭା ଅଧିବେଶନର ଆଜି ଦ୍ୱିତୀୟ ଦିନରେ ମଧ୍ୟ ଜାରି ରହିବ ନବନିର୍ବାଚିତ ସଦସ୍ୟଙ୍କର ଶପଥଗ୍ରହଣ ।

– ବାଚସ୍ପତି ନିର୍ବାଚନ ଆସନ୍ତାକାଲି ।

- ଜି.ଏସ୍.ଟି. ଲାଗୁ ହେବା ପରେ ସାଧାରଣ ଲୋକଙ୍କର ସଂଚୟ ବଢ଼ିଛି, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେଉଛି ଆନ୍ତର୍ଜାତିକ ଚିନି ପ୍ରତିଷ୍ଠାନର ୬୪ତମ ପରିଷଦ ବୈଠକ ।

- ଦୂରସଂଚାର ବିଭାଗ ପକ୍ଷରୁ ଆଜି ହେବ ସ୍ପେକ୍ଟ୍ରମ୍ ନିଲାମ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ସେମିଫାଇନାଲ୍ ସ୍ଥାନ ପକ୍କା କଲା ଭାରତ ।

– ଆଫ୍‌ଗାନିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଜାରି ।

## ଲୋକସଭା ଅଧିବେଶନ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ମଧ୍ୟ ନବନିର୍ବାଚିତ ସଦସ୍ୟଙ୍କର ଶପଥଗ୍ରହଣ ଚାଲିବ । ଲୋକସଭାର ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହର ପ୍ରଥମ ସଦସ୍ୟ ରୂପେ ଗତକାଲି ସର୍ବପ୍ରଥମେ ଶପଥ ଗ୍ରହଣ କରିଥିଲେ । ଅସ୍ଥାୟୀ ବାଚସ୍ପତି ଭର୍ତ୍ତୃହରି ମହତାବ ଶ୍ରୀ ମୋଦୀଙ୍କୁ ଶପଥ ପାଠ କରାଇଥିଲେ । ଏହାପରେ ଶ୍ରୀ ମହତାବଙ୍କୁ ସହଯୋଗ କରିବା ଲାଗି ଗଠିତ ହୋଇଥିବା ଅଧ୍ୟକ୍ଷ କମିଟିର ସଦସ୍ୟମାନେ ଶପଥ ନେଇଥିଲେ ।

ତେବେ ଏହି କମିଟିର ସଦସ୍ୟ ଥିବା କଂଗ୍ରେସର କେ.ସୁରେଶ, ଡିଏମ୍‌କେର ଟି.ଆର୍.ବାଲୁ, ଟି.ଏମ୍.ସି.ର ସୁଦୀପ ବନ୍ଦୋପାଧ୍ୟାୟ ଗତକାଲି ଶପଥ ନେଇନାହାଁନ୍ତି । ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟମାନେ

ଶପଥ ନେଇଥିଲେ । ଏହାପରେ ଇଂରାଜୀ ବର୍ଣ୍ଣମାଳାର କ୍ରମାନୁଯାୟୀ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସାଂସଦମାନେ ଶପଥ ଗ୍ରହଣ କରିଥିଲେ ।

ଏହି ଅଧିବେଶନରେ ଭାରତର ବିବିଧ ଭାଷାଗତ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିଥିଲା । ହିନ୍ଦୀ ଓ ଇଂରାଜୀ ଭାଷା ଛଡ଼ା ଅନେକ ସାଂସଦ ନିଜ ନିଜ ଆଞ୍ଚଳିକ ଭାଷାରେ ଶପଥ ନେଇଥିଲେ । ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ୍ ଓଡ଼ିଆ ଭାଷାରେ, ଏଚ୍.ଡି. କୁମାର ସ୍ୱାମୀ ଓ ପ୍ରହ୍ଲାଦ ଯୋଶୀ କନ୍ନଡ଼ ଭାଷାରେ, ସର୍ବାନନ୍ଦ ସୋନଓ୍ୱାଲ ଆହମିଆ ଭାଷାରେ, କେ. ରାମମୋହନ ନାଇଡୁ ଏବଂ ଜି. କିଶାନ ରେଡ୍ଡୀ ତେଲୁଗୁରେ, ସି.ଆର୍. ପାଟିଲ୍ ଗୁଜୁରାଟୀରେ, ପ୍ରତାପରାଓ ଯାଦବ ମରାଠୀରେ, ଡକ୍ଟର ଜିତେନ୍ଦ୍ର ସିଂହ ଡୋଗ୍ରୀରେ, ସୁରେଶ ଗୋପୀ ମାଲାୟଲମ୍‌ରେ, ସୁକାନ୍ତ ମଜୁମ୍‌ଦାର ବଙ୍ଗଳାରେ ଏବଂ ଦୁର୍ଗା ଦାସ ଓ୍ୱିକେ ସଂସ୍କୃତ ଭାଷାରେ ଶପଥ ନେଇଥିଲେ ।

ଏତଦ୍‌ବ୍ୟତୀତ କେତେକ ସାଂସଦ ନିଜ ନିଜ ଅଞ୍ଚଳର ପାରମ୍ପରିକ ପୋଷାକ ପିନ୍ଧିଥିଲେ । ପ୍ରଥମ ଦିବସରେ ଗତକାଲି ସଂସଦ ପରିସରରେ ଉଭୟ ଶାସକ ଏବଂ ବିରୋଧୀ ଦଳ ସଦସ୍ୟମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା ।

ଲୋକସଭା ବାଚସ୍ପତି ନିର୍ବାଚନ ଆସନ୍ତାକାଲି ହେବ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗୁରୁବାର ଦିନ ଉଭୟ ସଦନର ମିଳିତ ଅଧିବେଶନକୁ

ସମ୍ବୋଧନ କରିବେ । ସେହି ଦିନ ରାଜ୍ୟସଭାର ଅଧିବେଶନ ମଧ୍ୟ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶରେ ଦ୍ରବ୍ୟ ଓ ସେବାକର ଲାଗୁ ହେବା ପରେ ସାଧାରଣ ଲୋକଙ୍କର ସଂଚୟ ବଢ଼ିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, କେନ୍ଦ୍ର ସରକାର ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛନ୍ତି । ଜି.ଏସ୍.ଟି. ଲାଗୁ ହେବା ପରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବ୍ୟବହାର ବୃଦ୍ଧି ପାଇବା ସହ ଦରିଦ୍ର ଏବଂ ସାଧାରଣ ଲୋକଙ୍କର ସଞ୍ଚୟ ମଧ୍ୟ ବଢ଼ିଛି । ଦେଶବାସୀଙ୍କର ଜୀବନରେ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବାକୁ ହେଲେ ଏହି ସଂସ୍କାର ଯାତ୍ରା ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୂଚନା ଯୋଗ୍ୟ ଟିକସ ବ୍ୟବସ୍ଥାର ସରଳୀକରଣ ଲକ୍ଷ୍ୟରେ ୨୦୧୭ରେ ଜି.ଏସ୍.ଟି. ଲାଗୁ ହୋଇଥିଲା ।

# ଜେ.ପି. ନଡ୍ଡା

ଦେଶରେ ଝାଡ଼ାବାନ୍ତି ରୋଗକୁ ମୁକାବିଲା କରିବା ଲାଗି ଏକ ଜାତୀୟ ଅଭିଯାନ 'ଷ୍ଟପ୍ ଡିପ୍‌ଥେରିଆ' ଗତକାଲି ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଏହାର ଶୁଭାରମ୍ଭ କରିଥିଲେ । ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ଝାଡ଼ାବାନ୍ତି ଜନିତ ଶିଶୁ ମୃତ୍ୟୁହାର ହ୍ରାସ ପାଉଛି । ୨୦୧୪ରେ ରୋଟା ଭାଇରସ୍ ଟିକା ବ୍ୟବହାର କରିବାରେ ଭାରତ ପ୍ରଥମ ଦେଶ ବୋଲି ସେ କହିଛନ୍ତି । ଜାତୀୟ ଜଳ ଜୀବନ ମିଶନ୍, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଆୟୁଷ୍ମାନ୍ ଭାରତ ଭଳି ଯୋଜନା ଦେଶରେ ଝାଡ଼ାବାନ୍ତି ରୋଗକୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅଭିଯାନ ମାଧ୍ୟମରେ ଝାଡ଼ାବାନ୍ତି ଜନିତ ଶିଶୁ ମୃତ୍ୟୁହାରକୁ ଶୂନ୍ୟସ୍ତରରେ ରଖିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଶିକ୍ଷା ଏବଂ ଗ୍ରାମୀଣ ବିକାଶ ଆଦି କ୍ଷେତ୍ର ମାଧ୍ୟମରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଏବଂ ଯାଦବ ପ୍ରତାପ ରାଓ ଗଣପତ ରାଓ ଉପସ୍ଥିତ ଥିଲେ । ଅଭିଯାନର ଶୁଭାରମ୍ଭ ଅବସରରେ ଲୋଗୋ, ପୋଷ୍ଟର, ରେଡିଓ ସ୍ପଟ୍ ଏବଂ ଅଡିଓ ଭିଜୁଆଲ୍ ଆଦି ଉନ୍ମୋଚିତ ହୋଇଛି ।

# ଇଣ୍ଡିଆ ଆଇଏସ୍‌ଓ ମିଟିଂ

ଆନ୍ତର୍ଜାତିକ ଚିନି ପ୍ରତିଷ୍ଠାନର ୬୪ତମ ପରିଷଦ ବୈଠକ ଆଜି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ। ତିନିଦିନ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୩୦ଟି ଦେଶରୁ ପ୍ରତିନିଧି ଯୋଗଦେବେ। ବିଶେଷ କରି, ବିଶ୍ୱର ପ୍ରମୁଖ ଚିନି ଉତ୍ପାଦନକାରୀ, ବ୍ୟବହାରକାରୀ ଏବଂ ବ୍ୟବସାୟ କରୁଥିବା ରାଷ୍ଟ୍ରଗୁଡ଼ିକ ଏକତ୍ରୀତ ହୋଇ ଆପୋଷ ବୁଝାମଣା ମାଧ୍ୟମରେ ଜୈବ ଇନ୍ଧନ ଏବଂ ଚିନି କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଏହି ସମ୍ମିଳନୀରେ ଆଲୋଚନା କରିବେ। ଜୈବ ଇନ୍ଧନ ଏବଂ ଅନ୍ୟାନ୍ୟ ଉତ୍ପାଦନରେ ଭାରତର ଅତ୍ୟାଧୁନିକ ଜ୍ଞାନକୌଶଳକୁ ପ୍ରସାର କରିବା ଲକ୍ଷ୍ୟରେ ଉତ୍ତରପ୍ରଦେଶର ମୁଜାଫରନଗର ଠାରେ ଏକ ଶସ୍ୟ ଭିତ୍ତିକ ଡିଷ୍ଟିଲାରୀକୁ ଆନ୍ତର୍ଜାତିକ ପ୍ରତିନିଧି ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଆଜି ଭାରତ ମଣ୍ଡପରେ 'ଚିନି ଓ ଜୈବ ଇନ୍ଧନ ଉଦୀୟମାନ ଭିଷ୍ଟାସ୍' ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହେବ । ଚଳିତ ବର୍ଷ ଲାଗି ଏହି ପରିଷଦର ଅଧ୍ୟକ୍ଷଭାର ଭାରତ ତୁଲାଇବ। ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ବର୍ତ୍ତମାନ ବିଶ୍ୱରେ ଦ୍ୱିତୀୟ ବୃହତ ଚିନି ଉତ୍ପାଦନକାରୀ ରାଷ୍ଟ୍ର ହୋଇଥିବା ବେଳେ ସର୍ବବୃହତ ଚିନି ବ୍ୟବହାରକାରୀ ରାଷ୍ଟ୍ରଭାବେ ପରିଚିତ।

# ଦୂରସଂଚାର ବିଭାଗ

ଦୂରସଂଚାର ବିଭାଗ ପକ୍ଷରୁ ଆଜି ୯୬ହଜାର ୩୧୭ କୋଟି ୬୫ ଲକ୍ଷ ଟଙ୍କାର ସ୍ପେକ୍ଟ୍ରମ୍ ନିଲାମ କରାଯିବ । ଗତ ଫେବୃୟାରୀ ୮ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଏହି ନିଲାମି ପ୍ରକ୍ରିୟାକୁ ଅନୁମୋଦନ କରିଥିଲା । ଶେଷ ପର୍ଯ୍ୟାୟ ନିଲାମରେ ବିକ୍ରି ହୋଇନଥିବା ସମସ୍ତ ସ୍ପେକ୍ଟ୍ରମ୍ ପୁନର୍ବାର ଏହି ନିଲାମି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଛି । ମେଗାହଜ୍ ସମେତ ୨୬ ଗିଗାହଜ୍ ବ୍ୟାଣ୍ଡ୍‌ରେ ଥିବା ଏୟାର୍‌ୱେବ୍‌ରରେ ଭଏସ୍ ଏବଂ ଡାଟା ସ୍ପେକ୍ଟ୍ରମ୍‌ର ଏକ ବଡ଼ ଅଂଶ ଆଜି ନିଲାମ କରାଯିବ । ତିନୋଟି ଘରୋଇ ସଂସ୍ଥା ରିଲାନ୍ସ ଜିଓ, ଭାରତୀ ଏୟାର୍‌ଟେଲ୍ ଏବଂ ଭୋଡ଼ାଫୋନ୍ ଆଇଡିଆ ଏହି ନିଲାମ ପାଇଁ ସର୍ବନିମ୍ନ ଜମା ବାବଦରେ ୪ହଜାର ୩୫୦ କୋଟି ଟଙ୍କା ଦାଖଲ କରିଛନ୍ତି ବୋଲି ଦୂରସଂଚାର ବିଭାଗ ସୂଚନା ଦେଇଛି । ଅନ୍‌ଲାଇନ୍ ମାଧ୍ୟମରେ ଏହି ନିଲାମି ପ୍ରକ୍ରିୟା କରାଯିବ ବୋଲି ଦୂରସଂଚାର ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ଖଣି ନିଲାମ

ଖଣିଜ ବ୍ଲକ୍ ଗୁଡ଼ିକରେ ଚତୁର୍ଥ ପର୍ଯ୍ୟାୟ ନିଲାମ କାର୍ଯ୍ୟକ୍ରମ ଗତକାଲି ନୂଆଦିଲ୍ଲୀ ଠାରେ ଆରମ୍ଭ ହୋଇଛି । କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଏହାର ଶୁଭାରମ୍ଭ କରିଥିଲେ । ଏହି ପର୍ଯ୍ୟାୟରେ

୨୧ଟି  ବ୍ଲକ୍ ସ୍ଥାନିତ ହୋଇଥିଲା । ସେଥିମଧ୍ୟରେ ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, କର୍ଣ୍ଣାଟକ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର ୧୧ଟି ବ୍ଲକ୍ ଅନ୍ତର୍ଭୁକ୍ତ । ନିଲାମି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି, ଆଗାମୀ ୧୦୦ ଦିନ ମଧ୍ୟରେ ଅଫ୍‌ସୋର୍ ମିନେରାଲ୍ ବ୍ଲକ୍ ଗୁଡ଼ିକର ନିଲାମର ପ୍ରଥମ କିସ୍ତି ଆରମ୍ଭ ହେବ । ଖଣି ମନ୍ତ୍ରଣାଳୟ କହିଛି, ଏହି ବ୍ଲକ୍ ଗୁଡ଼ିକରେ ଗ୍ରାଫାଇଟ୍, ଗ୍ଲୋକୋନାଇଟ୍, ଫସ୍‌ଫରାଇଟ୍, ପୋଟାସ୍, ନିକେଲ, ଫସ୍‌ଫେଟ୍ ଆଦି ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ ମହଜୁଦ ରହିଛି ।

ମନ୍ତ୍ରୀ ଶ୍ରୀ ରେଡ୍ଡୀ ଏହି କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥିବା ଦୁଇଟି ନୂତନ ଘରୋଇ ଅନୁସନ୍ଧାନ ଏଜେନ୍ସିକୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଦେଶରେ ଖଣିଜ ପଦାର୍ଥର ଅନୁସନ୍ଧାନକୁ ତ୍ୱରାନ୍ୱିତ କରିବା ସହ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ଲକ୍ଷ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ଯୋଜନା ଅଧୀନରେ ୨୦ କୋଟି ଟଙ୍କାର ସର୍ବୋଚ୍ଚ ସୀମା ଖର୍ଚ୍ଚ ମଧ୍ୟରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଅନୁସନ୍ଧାନ ଖର୍ଚ୍ଚ ଭରଣା କରାଯିବ ବୋଲି ଜଣାପଡ଼ିଛି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ସେଣ୍ଟସୁଲିଆ ସ୍ଥିତ ଗ୍ରସ୍

ଇସ୍‌ଲେଟ୍‌ର ଡ୍ୟାରେନ୍ ସାମି ନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଗତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୨୪ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଅଷ୍ଟ୍ରେଲିଆ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆରମ୍ଭ କରି ଭାରତ ଖୁବ୍ ଶୀଘ୍ର ବୀରାଟ କୋହଲି ଏବଂ ରିଷଭ ପନ୍ତଙ୍କ ୱିକେଟ୍ ହରାଇଥିଲା । ତେବେ ଅଧିନାୟକ ରୋହିତ ଶର୍ମାଙ୍କ ୯୨ରନ୍ ପାଳି ସହାୟତାରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୦୫ରନ୍ ସଂଗ୍ରହ କରିଥିଲା । ୨୦୬ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୭ ୱିକେଟ୍ ବିନିମୟରେ ୧୮୧ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ରୋହିତ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଏହି ବିଜୟ ସହ ଭାରତ ଗ୍ରୁପ୍-ପ୍ରଥମର ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ଭେଟିବେ । ଅନ୍ୟ ପକ୍ଷରେ ଏହି ପରାଜୟ ସହ ଅଷ୍ଟ୍ରେଲିଆର ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବାର ସମ୍ଭାବନା ଆଜି ଚାଲିଥିବା ଆଫ୍‌ଗାନିସ୍ତାନ ଏବଂ ବାଂଲାଦେଶ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରୁଛି ।

ଆଫ୍‌ଗାନିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ କିଙ୍ଗସ୍‌ଟାଉନ୍ ଠାରେ ମ୍ୟାଚ୍ ଚାଲିଛି । ଆଫ୍‌ଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆଫ୍‌ଗାନିସ୍ତାନ ୧୬ ଓଭରରେ ୨ ୱିକେଟ୍ ହରାଇ ୮୮ ରନ୍ ସଂଗ୍ରହ କରିଛି ।